# NATIONAL NEWS BULLETIN (ODIA)

**24 October - 2025**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ସ୍ଥିର ସରକାର ରହିଲେ ଉଭୟ ଦେଶ ଓ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇପାରିବ, କହିଲେ ପ୍ରଧାନମନ୍ତ୍ରୀ
- ସପ୍ତଦଶ ରୋଜଗାର ମେଳା ଅବସରରେ ଆଜି ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ବଣ୍ଟନ କରାଯିବ ନିଯୁକ୍ତିପତ୍ର
- ୨୨ତମ ଏସୀଆନ୍ ଭାରତ ସମ୍ମିଳନୀରେ ଆଭାସୀ ମାଧ୍ୟମରେ ଯୋଗଦେବେ ପ୍ରଧାନମନ୍ତ୍ରୀ
- ପ୍ରତିରକ୍ଷା କ୍ରୟ ମାନୁଆଲ୍-୨୦୨୫ ଜାରି କଲେ ପ୍ରତିରକ୍ଷାମନ୍ତ୍ରୀ
- ରେଳ ଯାତ୍ରୀଙ୍କ ସୁବିଧା ସୁନିଶ୍ଚିତ କରିବା ଲାଗି ସମୀକ୍ଷା କଲେ ରେଳମନ୍ତ୍ରୀ

ଏବଂ

- ଆଇସିସି ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରି ସେମି ଫାଇନାଲ୍‌ରେ ଭାରତ

## ପିଏମ୍

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ଦ୍ରୁତ ବିକାଶ ଘଟୁଛି ଏବଂ ଏହି ବିକାଶ ଯାତ୍ରାରେ ବିହାର ମଧ୍ୟ ଆଗକୁ ବଢୁଛି । ଗତ ସନ୍ଧ୍ୟାରେ ମେରା ବୁଥ୍ ସବ୍‌ସେ ମଜବୁତ୍ କାର୍ଯ୍ୟକ୍ରମରେ

ଯୋଗଦେଇ ବିଜେପି ଏନଡିଏର କର୍ମୀମାନଙ୍କ ସହ ପ୍ରଧାନମନ୍ତ୍ରୀ ଆଭାଷୀ ଜରିଆରେ ଆଲୋଚନା କରିଥିଲେ। ଶ୍ରୀ ମୋଦୀ କହିଥିଲେ, କେନ୍ଦ୍ର ଏବଂ ବିହାରରେ ସ୍ଥିର ସରକାର ଥିବାରୁ ବିକାଶର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ।

**V/O (PM Stable Govt.)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ବର୍ଷଗୁଡ଼ିକରେ ବିହାରକୁ ପ୍ରଯୁକ୍ତିବିଦ୍ୟାର କେନ୍ଦ୍ର କରିବାକୁ ଏନ୍‌ଡିଏ ଲକ୍ଷ୍ୟ ରଖିଛି । ଶ୍ରୀ ମୋଦୀ କହିଛନ୍ତି ଷ୍ଟାର୍ଟଅପ୍ ଗୁଡ଼ିକୁ ପ୍ରୋତ୍ସାହିତ କରି ବିହାରର ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ।

**V/O (PM Technology)**

# ପିଏମ୍-ଏସିଆନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ ରବିବାର ଦିନ ୨୨ତମ ଏସିଆନ୍ – ଭାରତ ସମ୍ମିଳନୀରେ ଆଭାସି ମାଧ୍ୟମରେ ଯୋଗଦେବେ । ମାଲେସିଆର ପ୍ରଧାନମନ୍ତ୍ରୀ ଅନଓ୍ୱାର୍ ଇବ୍ରାହିମ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ମାଲେସିଆର ପ୍ରଧାନମନ୍ତ୍ରୀ ଅନଓ୍ୱାର୍ ଇବ୍ରାହିମ୍‌ଙ୍କୁ ଏସିଆନ୍ ଚାମ୍ପିୟନ୍‌ସିପ୍ ମାଲେସିଆ ଅଧ୍ୟକ୍ଷତା କରୁଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ଆଗାମୀ ସମ୍ମିଳନୀର ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାବାର୍ତ୍ତା ପଠାଇଛନ୍ତି । ଏସିଆନ୍-ଭାରତ ରଣନୈତିକ ଭାଗିଦାରୀତା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲାଗି ଦ୍ୱିପକ୍ଷିୟ ପ୍ରତିବଦ୍ଧତାକୁ ମଧ୍ୟ ଶ୍ରୀ ମୋଦୀ ସୁନିଶ୍ଚିତ କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏସୀୟ ନେତାମାନେ ମିଳିତ ଭାବେ ଏସିଆନ୍-ଭାରତ ସମ୍ମିଳନୀର ବିକାଶ ସମ୍ପର୍କରେ ମିଳିତ ଭାବେ ସମୀକ୍ଷା କରିବେ ଏବଂ ବ୍ୟାପକ ରଣନୈତିକ ଭାଗିଦାରୀ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବେ ।

ଭାରତର ଇଷ୍ଟ ପଲିସି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣକୁ ପ୍ରତିଫଳିତ କରିବା ଲାଗି ଏସିଆନ୍ ସମ୍ମିଳନୀ ହେଉଛି ଆଲୋଚନାର ପ୍ରମୁଖ ସ୍ତମ୍ଭ ହେବ ବୋଲି କୁହାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଚଳିତ ମାସ ୨୭ ତାରିଖରେ କ୍ୱାଲାଲମ୍ପୁର ଠାରେ ହେବାକୁ ଥିବା ବିଂଶତମ ଇଷ୍ଟ ଏସିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିନିଧିତ୍ୱ କରିବେ ।

ଏହି ଇଷ୍ଟ ଏସିଆ ସମ୍ମିଳନୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ବଜାୟ ରଖିବା ଲାଗି ସୁଯୋଗ ସୃଷ୍ଟି କରିବ । ଉଭୟ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସ୍ତରରେ ବିକାଶ ଲାଗି ମତ ବିନିମୟ ସୃଷ୍ଟି କରିବ ।

# ପିଏମ୍ ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିସପ୍ତଦଶ ରୋଜଗାର ମେଳା ଅବସରରେ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଦେଶର ୪୦ଟି ସ୍ଥାନରେ ଏହି ନିଯୁକ୍ତିମେଳା ଅନୁଷ୍ଠିତ ହେବ । ତାମିଲନାଡୁରେ ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଚେନ୍ନାଇ ଠାରେ,

ଆୟୁଷ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ରାଓ ଯାଦବ ମଦୁରାଇଠାରେ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ତିରୁଚିରାପଲ୍ଲୀ ଠାରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବାର କାର୍ଯ୍ୟସୂଚୀ ରହିଛି ।

ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିବଦ୍ଧତା ସ୍ୱରୂପ ନିଯୁକ୍ତିମେଳା ଆୟୋଜନ କରି ଯୁବକ ଯୁବତୀମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଆସୁଛନ୍ତି । ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ରାଷ୍ଟ୍ର ନିର୍ମାଣରେ ଭାଗିଦାର ହେବା ଲାଗି ସେମାନଙ୍କ ଭୂମିକା ସୁନିଶ୍ଚିତ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ରାଜନାଥ-ଜିପିଏମ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ନୂଆଦିଲ୍ଲୀରେ ପ୍ରତିରକ୍ଷା କ୍ରୟ ମାନୁଆଲ୍-୨୦୨୫ ଜାରି କରିଛନ୍ତି । ଏହା ଆସନ୍ତାମାସ ୧ ତାରିଖରୁ କାର୍ଯ୍ୟକାରୀ ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ୩ଟି ସେବା ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ଦ୍ୱାରା ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସମ୍ବଳିତ କ୍ରୟ ବ୍ୟବସ୍ଥା ଏହା ଦ୍ୱାରା ସହଜ ହୋଇପାରିବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ଏଥିରେ ଜଡ଼ିତ ଅନ୍ୟ କର୍ମଚାରୀଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି ବ୍ୟବସ୍ଥା ଦ୍ୱାରା ଦେଶରେ ପ୍ରତିରକ୍ଷା ଉତ୍ପାଦନ ସହଜ ହେବା ସହ ଷ୍ଟାର୍ଟଅପ୍ ଏବଂ ବିଭିନ୍ନ ବର୍ଗର ଉଦ୍ୟୋଗଗୁଡ଼ିକର ଦାୟିତ୍ୱବୋଧ ସୁନିଶ୍ଚିତ ହୋଇପାରିବ ।

ଅନ୍ୟପକ୍ଷରେ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଅପରେସନ୍ ସିନ୍ଦୂର ହେଉଛି ଭାରତର ଇଚ୍ଛାଶକ୍ତି ଏବଂ ସାମର୍ଥ୍ୟର ପ୍ରତୀକ । ପ୍ରତ୍ୟେକ ଆହ୍ୱାନର ମୁକାବିଲା

ଲାଗି ଭାରତ ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ଏହା ସବଗ୍ର ବିଶ୍ୱକୁ ବାର୍ତ୍ତା ପ୍ରଦାନ କରିଛି । ନୂଆଦିଲ୍ଲୀ ଠାରେ ଗତକାଲି ନୌ-କମାଣ୍ଡରମାନଙ୍କ ସମ୍ମିଳନୀରେ ଅଂଶଗ୍ରହଣ କରି ମନ୍ତ୍ରୀ ଶ୍ରୀ ସିଂହ ଭାରତୀୟ ନୌବାହିନୀର କମକର୍ତ୍ତାଙ୍କର ପ୍ରଶଂସା କରିଛନ୍ତି ।

ପାକିସ୍ତାନର ନୌ-ଯବାନମାନଙ୍କୁ ତାଙ୍କ ସୀମାନ୍ତ ମଧ୍ୟରେ ସୀମିତ ରଖିବା ଲାଗି ଭାରତୀୟ ନୌ-ଯବାନମାନଙ୍କର ପ୍ରତିରୋଧ କ୍ଷମତାକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି । ଶ୍ରୀ ସିଂହ କହିଛନ୍ତି, ସମଗ୍ର ବିଶ୍ୱ' ଭାରତର ଯୁଦ୍ଧ ପ୍ରସ୍ତୁତି, ପେସାଗତ ସାମର୍ଥ୍ୟ ଏବଂ ନୌବାହିନୀର କ୍ଷମତାକୁ ଉପଲବ୍ଧି କରିପାରିଛି । ଭାରତର ସାମୁଦ୍ରିକ ଅଞ୍ଚଳରେ ନୌ-ଯବାନମାନଙ୍କର ଉପସ୍ଥିତି ବନ୍ଧୁ ରାଷ୍ଟ୍ରମାନଙ୍କ ପାଇଁ ଆରାମ ଦାୟକ ପରିବେଶ ସୃଷ୍ଟି କରିଥିବା ବେଳେ ଅସ୍ଥିରତା ସୃଷ୍ଟିକାରୀ ରାଷ୍ଟ୍ରମାନଙ୍କ ପାଇଁ ନକାରାତ୍ମକ ପରିସ୍ଥିତି ସୃଷ୍ଟି କରିଛି ।

## ପ୍ରେଜ୍ -କୋଟାୟମ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି କେରଳର କୋଟାୟାମରୁ କୋଚିକୁ ଯାତ୍ରା କରିବେ । ଏର୍ଣ୍ଣାକୁଲମସ୍ଥିତ ସେଣ୍ଟ୍ ଥେରାସସ୍ କଲେଜର ସମାରୋହରେ ରାଷ୍ଟ୍ରପତି ଯୋଗଦେବେ ।

ରାଷ୍ଟ୍ରପତି ମୁର୍ମୁଙ୍କ ଗସ୍ତକୁ ନେଇ କେରଳର ସାହିତ୍ୟନଗରୀ କୋଟାୟାମରେ ଉତ୍ସାହ ଦେଖାଦେଇଛି । ଗତକାଲି କୋଟାୟମରୁ କୁମାରାକୋମ୍ ଯାତ୍ରା ସମୟରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ହଜାର ହଜାର ସଂଖ୍ୟାରେ ଲୋକେ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ଅଭିବାଦନ ଜଣାଇଥିଲେ । ପାଲାର୍ ସେଣ୍ଟ୍ ଥୋମାସ କଲେଜର ପ୍ଲାଟିନମ୍ ଜୁବୁଲି

ସମାରୋହକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି ଶିକ୍ଷାକ୍ଷେତ୍ରରେ କୋଟାୟାମ୍‌ର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ, କେରଳ’ ସାକ୍ଷରତା, ଶିକ୍ଷା ଏବଂ ଜ୍ଞାନର ଶକ୍ତି ଯୋଗୁଁ ମାନବ ବିକାଶ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି । ସେ କହିଥିଲେ, ଜ୍ଞାନ’ ସମାଜକୁ ବିକାଶ ଦିଗରେ ଆଗେଇ ନେଇଥାଏ ଏବଂ ଆତ୍ମନିର୍ଭର କରାଇଥାଏ । ରାଷ୍ଟ୍ରପତି ମୁର୍ମୁ ପୂର୍ବତନ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍‌ଙ୍କ ଜୀବନଯାତ୍ରାର ସ୍ମୃତିଚାରଣ କରି କହିଥିଲେ, ସାଧାରଣ ପରିବାରରୁ ଜୀବନଯାତ୍ରା ଆରମ୍ଭ କରି ସେ ଉଚ୍ଚଶିଖରରେ ପହଞ୍ଚିପାରିଥିଲେ । ଏହି କଲେଜ୍ ଠାରୁ କିଛି କିଲୋମିଟର ଦୂରରେ ନାରାୟଣନ୍‌ଙ୍କର ଗ୍ରାମ ଅବସ୍ଥିତ । ସେଣ୍ଟ ଥୋମାସ୍ କଲେଜ୍, ନୀତିଶିକ୍ଷା ଏବଂ ବୁଦ୍ଧିମତ୍ତା ଏବଂ ପ୍ରଜ୍ଞାର ଗନ୍ତାଘର ବୋଲି ସେ କହିବା ସହ ଏହାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

# ବୈଷ୍ଣବ-ରେଲୱେଜ୍

ପାର୍ବଣ ଋତୁରେ ଯାତ୍ରୀମାନଙ୍କ ସୁବିଧା ସୁନିଶ୍ଚିତ କରିବା ଲାଗି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀରେ ରେଳଭବନରେ ୱାର୍‌ରୁମ୍‌ରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସଂପର୍କରେ ସମୀକ୍ଷା କରିଛନ୍ତି । ଗତକାଲି ଶ୍ରୀ ବୈଷ୍ଣବ ଛଟ୍ ପୂଜା ନିମନ୍ତେ ରେଳବାଇର ପ୍ରସ୍ତୁତି ନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ରେଳ ଷ୍ଟେସନ୍‌ଗୁଡ଼ିକରେ ୱାର୍ ରୁମ୍ ସ୍ଥାପନ କରାଯାଇ ପାର୍ବଣ ଋତୁରେ ଟ୍ରେନ୍ ଚଳାଚଳ ଓ ଭିଡ଼ ପରିଚାଳନା ନେଇ ନିରୀକ୍ଷଣ କରାଯାଉଥିବା ସେ କହିଛନ୍ତି ।

ଶ୍ରୀବୈଷ୍ଣବ କହିଛନ୍ତି, ଦେଶରେ ରେଳ ଚଳାଚଳକୁ ସୁବ୍ୟବସ୍ଥିତ କରିବା ପାଇଁ ୩ଟି କ୍ଷେତ୍ରରେ ୱାର୍ ରୁମ୍ ସ୍ଥାପନ କରାଯାଇଛି । ଡିଭିଜନ ସ୍ତରରେ, ଜୋନାଲ୍ ସ୍ତରରେ ଏବଂ ରେଳବାଇ ବୋର୍ଡ ସ୍ତରରେ ଗୋଟିଏ ଲେଖାଏଁ ୱାର୍ ରୁମ୍ ସ୍ଥାପନ କରାଯାଇଛି । ସେଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପ୍ରତ୍ୟେକ ପ୍ରମୁଖ ରେଳଷ୍ଟେସନ୍ ଗୁଡ଼ିକରେ ଖୋଲାଯାଇଥିବା ମିନି ନିୟନ୍ତ୍ରଣ କେନ୍ଦ୍ରକୁ ପରିଚାଳନା କରାଯାଉଛି । ଏହାଦ୍ୱାରା ସମସ୍ତ ଟ୍ରେନ୍‌ର ଗତିବିଧି ଓ ଭିଡ଼ ପରିଚାଳନା ନେଇ ବାସ୍ତବ ସମୟରେ ପଦକ୍ଷେପ ଗ୍ରହଣ କରାଯାଉଛି ।

ଶ୍ରୀ ବୈଷ୍ଣବ କହିଛନ୍ତି, ନିୟମିତ ଟ୍ରେନ ବ୍ୟତୀତ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଦୈନିକ ୩୦୦ଲେଖାଏଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଏହିପରି ମୋଟ୍ ୧୫ଶହଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ବୋଲି ଜଣାପଡ଼ିଛି । ଚଳିତମାସ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ବ୍ୟବସ୍ଥା ଆସନ୍ତାମାସ ୩୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୬୧ ଦିନ ଧରି ଦେଶର ବିଭିନ୍ନ ଅଞ୍ଚଳରେ ୧୨ ହଜାର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O (Baisnav)**

## ଇସି-କନ୍‌ଫରେନ୍ସ

ନିର୍ବାଚନ ଆୟୋଗ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ନୂଆଦିଲ୍ଲୀରେ ଶେଷ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୁଇଦିନିଆ ସମ୍ମିଳନୀରୁ ଏହା

ଜଣାପଡ଼ିଛି । ମୁଖ୍ୟନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ ସାମିଲ ହୋଇଥିଲେ । କମିଶନର ବରିଷ୍ଠ ଅଧିକାରୀମାନେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନେଇ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ।

ନିର୍ବାଚନ କମିଶନ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ ନିମନ୍ତେ ଆସାମ, ତାମିଲନାଡୁ, ପୁଡୁଚେରୀ, କେରଳ ଏବଂ ପଶ୍ଚିମବଙ୍ଗର ନିର୍ବାଚନ ଅଧିକାରୀଙ୍କ ସହ ସ୍ୱତନ୍ତ୍ର ଆଲୋଚନା କରିଥିଲେ ।

# ୱିମେନ୍ ୱାର୍ଲଡ କପ୍

ଆଇସିସି ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ନିଉଜିଲ୍ୟାଣ୍ଡକୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଗତକାଲି ମୁମ୍ବାଇର ଡି.ୱାଇ. ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ନିଉଜିଲ୍ୟାଣ୍ଡକୁ ୫୩ ରନ୍‌ରେ ଭାରତ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତର ପ୍ରତୀକା ରାୱଲ ଏବଂ ସ୍ମୃତି ମନ୍ଧାନା ଦଳର ସ୍କୋର ୪୯ ଓଭର୍‌ରେ ୩ ୱିକେଟ୍ ବିନିମୟରେ ୩୪୦ ରନ୍ କରିଥିଲେ । ମନ୍ଧାନା ୧୦୯ ରନ୍ କରିଥିବା ବେଳେ ରାୱଲ ୧୨୨ ରନ୍ କରିଥିଲେ । ମହିଳା ବିଶ୍ୱକପ୍ ଇତିହାସରେ ଉଭୟଙ୍କ ଯୋଡ଼ି ସର୍ବାଧିକ ୨୧୨ ରନ୍‌ର ଓପନିଂ ଯୋଡ଼ି ଥିଲା । ବର୍ଷାବାଧିତ ଏହି ମ୍ୟାଚ୍‌ରେ ୪୪ ଓଭର୍‌ରେ ୩୨୫ ରନ୍‌ର ପିଛା କରି ନିଉଜିଲ୍ୟାଣ୍ଡ ୮ ୱିକେଟ୍ ହରାଇ ୨୭୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଏଥିସହିତ ଭାରତ ୬ ପଏଣ୍ଟ ସହ ସେମିଫାଇନାଲ୍‌ରେ ପ୍ରବେଶ କରିଛି ।